# "ଦେଶ୍‌ଟା ଉଲଟି ଗଲାନ"

ଶ୍ରୀ କାର୍ତ୍ତିକ ପ୍ରସାଦ ବହିଦାର

"ସ୍ୱାଧୀନତା ସଂଗ୍ରାମୀ ମାନେ ଯାହା ଚିନ୍ତା କରିଥିଲେ ,ତାହା କେଜ ହେଲା ଯେ । ଦେଶ୍‌ଟା ଉଲଟି ଗଲାନ । କିଏ କାହାର କଥା ଶୁଣୁଛେ, କିଏ କାହାର କଥା ମାନୁଛେ" ଏ କ୍ଷୋଭ ହେଉଛି କେତେକ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ,ଯେଉଁ ମାନେ ଦେଶ ସ୍ୱାଧୀନତା ପ୍ରାପ୍ତିର ୫୫ ବର୍ଷ ପରେ ମଧ ଜୀବିତ ଅଛନ୍ତି ।

ଅବିଭକ୍ତ ସମ୍ବଲପୁର ଜିଲ୍ଲା ଏବଂ ବର୍ତ୍ତମାନ ବରଗଡ ଜିଲ୍ଲା ଅର୍ନ୍ତଗତ ସଂଗ୍ରାମୀ ଭୂମି ପାଣିମୋରା ଠାରେ ତା ୩୦.୧୦.୨୦୦୨ (ବୁଧବାର) ଓ ତା ୩୧.୧୦.୨୦୦୨(ଗୁରୁବାର) ଦୁଇ ଦିନିଆ ପଶ୍ଚିମ ଓଡିଶା ସ୍ୱାଧୀନତା ସଂଗ୍ରାମୀ ମହାସମାବେଶର ଆୟୋଜନ କରାଯାଇଥିଲା । ସଂଗ୍ରାମୀ ମାନଙ୍କର ଦର୍ଶନ ଓ ସେମାନଙ୍କର ମୁଖରୁ କିଛି ଶ୍ରବଣ କରିବାର ଅଭୀପ୍‌ସା ମତେ ଆକର୍ଷିତ କରିନେଇଥିଲା ସେହି ଐତିହାସିକ ଗ୍ରାମକୁ । କର୍ମ କ୍ଷେତ୍ରରୁ ଅବକାଶ ନେଇ ଏହି ସଂଗ୍ରାମୀ ଓ ଦାୟାଦ ସମ୍ମିଳନୀରେ ଯୋଗଦାନ କରି ମୁଁ ପୁଲକିତ ହୋଇଉଠିଥିଲି । ବନ୍ଧୁ ମାନଙ୍କ ସହ ଗାଁର ଏ ମୁଣ୍ଡରୁ ସେମୁଣ୍ଡ ପର୍ଯ୍ୟନ୍ତ ଚାଲି ଚାଲି ଘେରାଏ ବୁଲି ଆସିଲି ।। ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିବା ପାଣିମୋରାର ୩୨ ଜଣ ସଂଗ୍ରାମୀଙ୍କ ସ୍ମାରକୀ ସ୍ମୃତିସ୍ତମ୍ଭ ନିକଟରେ ପ୍ରଣତି ଜଣାଇ ଗାଁର ପବିତ୍ର ମାଟିକୁ ମୁଣ୍ଡରେ ଲଗାଇ ସେଦିନ ଧନ୍ୟ ମଣିଥିଲି ନିଜକୁ । ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ମହାସମାବେଶର ମୁଖ୍ୟ ତୋରଣକୁ ନୃସିଂହ ଗୁରୁଙ୍କ ନାମରେ ନାମିତ କରାଯାଇଥିବା ଦେଖି ଉଲ୍ଲସିତ ହୋଇଥିଲି । ଅବିସ୍ମରଣୀୟ ହୋଇରହିବ ମୋର ପାଣିମୋରା ଅନୁଭୂତି । ୨୦୧୦ ସାଲ ବେଳକୁ ବୋଧହୁଏ ଉତ୍ତର ଦାୟାଦ ମାନେ ଆଉ ପୂଜ୍ୟ ସଂଗ୍ରାମୀ ମାନଙ୍କ ପ୍ରତ୍ୟକ୍ଷ ଦର୍ଶନ କରି ନ ପାରନ୍ତି । ସଂଗ୍ରାମୀ ମାନେ ଅତୀତର ପୃଷ୍ଠାରେ ବିଲୀନ ହୋଇଯାଇଥିବେ ।

ବହୁ କଷ୍ଟଲବ୍ଧ ସ୍ୱାଧୀନ ଭାରତର ବର୍ତ୍ତମାନର ଅବସ୍ଥାରେ ସ୍ୱାଧୀନତା ସଂଗ୍ରାମୀ ମାନେ ଖୁସୀ ନୁହଁନ୍ତି । ନିଜର ସର୍ବସ୍ୱ ତ୍ୟାଗ କରି ଅନେକ ଶାସ୍ତି ,କାରାବାସ,କଠିନ ଦଣ୍ଡ ବରଣ କରି ଦେଶ ମାତୃକାକୁ ବିଦେଶୀ ଶାସନ ଶୃଙ୍ଖଳରୁ ଉଦ୍ଧାର କରିଥିବା ସଂଗ୍ରାମୀ ମାନଙ୍କ ସ୍ୱପ୍ନ ସବୁ ଚୁରମାର ହୋଇଯାଇଛି । ସେମାନେ ସମସ୍ତେ କ୍ଷୁବ୍ଧ । ଉଚ୍ଚ ସ୍ତରୀୟ ନେତୃମଣ୍ଡଳୀ ମାନଙ୍କଠାରୁ ଆରମ୍ଭ କରି ତଳ ପର୍ଯ୍ୟନ୍ତ ଦୁର୍ନୀତି ଓ ଭ୍ରଷ୍ଟାଚାର ବ୍ୟାପିଗଲାଣି । ତ୍ୟାଗ ,ନୀତି ,ଆଦର୍ଶ କୁ ଭୁଲି ଅମାପ ଧନସଂପତ୍ତି ଠୁଳ କରିବା ଓ ଭୋଗ କରିବା ଲକ୍ଷ୍ୟରେ ଅବିଶ୍ରାନ୍ତ ଭାବରେ ଲୋକେ ଧାଇଁ ଚାଲିଛନ୍ତି । ଦେଶ ପୁଣି ଥରେ ଗୋଲାମୀ ଆଡକୁ ଗତି କରୁଛି । ଏବେ ଶହ ଶହ ଇଷ୍ଟ ଇଣ୍ଡିଆ କମ୍ପାନୀ( ବିଦେଶୀ କମ୍ପାନୀ) ଭାରତ ବର୍ଷରେ ସେମାନଙ୍କ କାୟା ବିସ୍ତାର କରିବାରେ ଲାଗିଛନ୍ତି । ଏ ଭଳି ସଂକଟ ପୂର୍ଣ୍ଣ ପରିସ୍ଥିତିରେ ଯେଉଁ ଅଳ୍ପ କେତେଜଣ ସ୍ୱାଧୀନତା ସଂଗ୍ରାମୀ ଆଦର୍ଶ ପୁରୁଷ ଆମ ଗହଣରେ ଜୀବିତ ଅଛନ୍ତି ଏବଂ ଯେଉଁ ମାନେ ନାହାଁନ୍ତି,ସେମାନଙ୍କର ଜୀବନାଦର୍ଶ,ଅମ୍ଳାନ ସ୍ମୃତି ଓ କାର୍ଯ୍ୟାବଳୀ ଦେଶବାସୀଙ୍କୁ ଆଗାମୀ ପିଢ଼ିକୁ ଉତ୍ତରଦାୟାଦ ମାନଙ୍କୁ ସତ୍‌ମାର୍ଗ ପ୍ରଦର୍ଶନ କରିବ । ଆଉ ଏକ ସ୍ୱାଧୀନତା ସଂଗ୍ରାମ ଗଢିତୋଳିବା ପାଇଁ ପ୍ରେରଣା ଯୋଗାଇବ ।

ମନେ ପଡୁଛି ୧୯୮୩ ସାଲର ଏକ ଘଟଣା । ସେଦିନ ଥିଲା ଅକ୍ଟୋବର ମାସ ୨ ତାରିଖ,ରବିବାର । ଆମ ଯୁବକ ମାନଙ୍କ ଦ୍ୱାରା ପ୍ରତିଷ୍ଠିତ "ବୀର ସ୍ମୃତି ସଂସ୍ଥା" ପକ୍ଷରୁ ମୁଦିପଡା ବହୁମୁଖୀ ଶ୍ରମ -ମଙ୍ଗଳ -କେନ୍ଦ୍ର ଠାରେ ପାଳନ କରାଯାଉଥାଏ ପବିତ୍ର ଗାନ୍ଧୀ ଜୟନ୍ତୀ । ଗାନ୍ଧିଜୀଙ୍କର ପଟ୍ଟଶିଷ୍ୟ ବିଶଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ପ୍ରଖ୍ୟାତ ସାମ୍ବାଦିକ ନୃସିଂହ ଗୁରୁ ମୁଦିପଡା ଲେବର କଲୋନୀର ଏକ କ୍ୱାର୍ଟରରେ ରହିଥାନ୍ତି । ଆମ ଯୁବକ ମାନଙ୍କର ଆଗ୍ରହ କୁ ଉପେକ୍ଷା ନ କରି ସେ ନିମନ୍ତ୍ରଣ ସ୍ୱୀକାର ପୂର୍ବକ ଆମ କାର୍ଯ୍ୟକ୍ରମ କୁ ଆସିଲେ । ଦୁଇ ଜଣ ବିଶଷ୍ଟ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁ ଓ ଶିବନାରାୟଣ ପାଢୀ ଉପସ୍ଥିତ ଥିଲେ ସେଦିନର ସେହି ସଭାରେ । ଉଭୟେ ବର୍ତ୍ତମାନ ସ୍ୱର୍ଗତ । ସହରର ବହୁ ମାନ୍ୟଗଣ୍ୟ ଭଦ୍ରବ୍ୟକ୍ତି,ଭଦ୍ରମହିଳା ଓ ଯୁବକ ମାନଙ୍କ ଦ୍ୱାରା ସମ୍ମିଳନୀ କକ୍ଷଟି ପରିପୂର୍ଣ୍ଣ ହୋଇଥାଏ । ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଗାନ୍ଧିଜୀଙ୍କ ତୈଳଚିତ୍ରରେ ମାଲ୍ୟାପର୍ଣ,ପ୍ରଦୀପ ପ୍ରଜ୍ୱଳନ ଓ ଧୂପ ପ୍ରଦାନ ପୂର୍ବକ ସେ ଦିନ ଯାହା କିଛି ବକ୍ତବ୍ୟ ପ୍ରଦାନ କରିଥିଲେ ପୂଜ୍ୟ ନୃସିଂହ ଗୁରୁ, ତାହା ଏ ପର୍ଯ୍ୟନ୍ତ ଆମ ମାନଙ୍କ ମନରେ ପ୍ରତିଧ୍ୱନିତ ହେଉଛି । ସତ୍ ପୁସ୍ତକ ଅଧ୍ୟୟନର ପରାମର୍ଶ,ମଣିଷ ଜୀବନର ଲକ୍ଷ୍ୟ କଣ ହେବା ଉଚିତ୍,ସୁ ଶିକ୍ଷିତ ହୋଇ କିପରି ସମାଜର ଗରିବ,ଅସହାୟ ଓ ଅବହେଳିତ ଲୋକମାନଙ୍କର ନିଃସ୍ୱାର୍ଥପର ସେବା କରିବା ପାଇଁ ନିଜକୁ ଯୋଗ୍ୟ ଭାବରେ ଗଢିବ,ସେ ଦିନର ତାଙ୍କର ସରଳ କିନ୍ତୁ ସାରଗର୍ଭକ ବକ୍ତବ୍ୟ ଅପାସୋରା ହୋଇ ରହିଯାଇଛି । ତାଙ୍କର ଜୀବନ ଥିଲା ଅତ୍ୟନ୍ତ ସରଳ ଓ ନିରାଡମ୍ବର । ମନ-ବଚନ-କର୍ମରେ ସେ ବିଦେଶୀ ବର୍ଜନ ଓ ସ୍ୱଦେଶୀ ଗ୍ରହଣ କରିଥିଲେ । ତାଙ୍କର ଶରୀର,ଚେହେରା,ବେଶଭୁଷା,ଗୁଣ, ଚାଲିଚଳନ

ସବୁ ଗାନ୍ଧିଜୀଙ୍କ ଅନୁରୂପ ଥିଲା । ନୃସିଂହ ଗୁରୁଙ୍କୁ ପଶ୍ଚିମ ଓଡିଶାର ଗାନ୍ଧୀବୋଲି କୁହାଯାଉଛି ଏହା ଯଥାର୍ଥ ।

ପାଣିମୋରା ଠାରେ ସମ୍ମିଳିତ କେତେକ ସଂଗ୍ରାମୀ ମାନଙ୍କୁ ନୃସିଂହ ଗୁରୁଙ୍କ ସମ୍ବନ୍ଧରେ କିଛି କହିବା ପାଇଁ ମୁଁ ଜିଜ୍ଞାସା କଲି । ସମସ୍ତେ ଅତ୍ୟନ୍ତ ଭକ୍ତି ଓ ଶ୍ରଦ୍ଧାର ସହିତ ଗୁରୁ ମହାଶୟଙ୍କୁ ସ୍ମରଣ କରି କହିଲେଯେ- "ନୃସିଂହ ଗୁରୁ ଜଣେ ଖାଣ୍ଟି ଗାନ୍ଧିବାଦୀ ଲୋକଥିଲେ । ସେ ବହୁତ କମ କଥା କହୁଥିଲେ କିନ୍ତୁ ସେସବୁ କଥା ଥିଲା ବହୁତ ଗୁରୁତ୍ୱପୂର୍ଣ୍ଣ,ସାରଗର୍ଭକ ଓ ମୂଲ୍ୟବାନ । ସେ ଗରିବରୁ ଅତି ଗରିବ ସଂଗଠନ ମାନ ଗଢି ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ଗାଁ ଗାଁ ରେ ପହଞ୍ଚାଇ ପାରିଥିଲେ । ତାଙ୍କରି ନେତୃତ୍ୱରେ ସାରା ଦେଶରେ ହରିଜନ ସେବା କ୍ଷେତ୍ରରେ ଆମ ଅଞ୍ଚଳ ଅଗ୍ରଣୀ ଥିଲା । ସେ ଆମର ଗୁରୁ ଭାବରେ ତାଲିମକେନ୍ଦ୍ର ମାନଙ୍କରେ ଆମକୁ ସ୍ୱାଧୀନତା ସଂଗ୍ରାମର ବିଭିନ୍ନ ପନ୍ଥା ଓ କାରାବରଣ କଲେ ଜେଲରେ କେମିତି ଚଳିବାକୁ ହେବ ,ତାହା ଶିକ୍ଷା ଦେଉଥିଲେ । ସେ ଆମକୁ ଛାଡି ଗଲେଣି " । ବୟୋଜ୍ୟେଷ୍ଠ ସ୍ୱାଧୀନତା ସଂଗ୍ରାମୀ ଚମରୁ ପରିଡା ଓ ଅନ୍ୟମାନଙ୍କ ଦ୍ୱାରା ଭାବପୂର୍ଣ୍ଣ ସ୍ମୃତିଚାରଣରେ ମୁଁ ମଧ ଭାବବିହ୍ୱଳ ହୋଇଯାଇଥିଲି । ସଂଗ୍ରାମୀ ମାନଙ୍କ ସହ ମୁଁ ମଧ ଅଶ୍ରୁ ବିର୍ସଜନ କରି ନୃସିଂହ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲି ।

ନୃସିଂହ ଗୁରୁ ଦୈନିକ ଓଡିଆ ଖବର କାଗଜ "ସମାଜ" ର ସମ୍ବଲପୁର ଜିଲ୍ଲା ପ୍ରତିନିଧି ଭାବରେ ୧୯୩୨ ରୁ ୧୯୮୩ ପର୍ଯ୍ୟନ୍ତ ଦୀର୍ଘ ୫୧ ବର୍ଷକାଳ ନିଷ୍ଠାପର ଭାବରେ କାର୍ଯ୍ୟ କରିଥିଲେ । ସେ ଥିଲେ ଜଣେ ନିର୍ଭୀକ,ଆଦର୍ଶବାଦୀ ଓ ଉଚ୍ଚକୋଟୀର ସାମ୍ବାଦିକ । ତାଙ୍କର ସତ୍ୟବାଦିତା, କର୍ତ୍ତବ୍ୟନିଷ୍ଠା,ବନ୍ଧୁବତ୍ସଳତା,ସମୟାନୁବର୍ତ୍ତିତା,ସହଯୋଗୀ ଗୁଣଯୋଗୁ ସବୁ ମହଲରେ ସେ ଉଚ୍ଚ ସମ୍ମାନ ଲାଭ କରିଥିଲେ । ଗରିବ ଓ ଅବହେଳିତ ଜନସାଧାରଣଙ୍କର ଦୁଃଖଦୁର୍ଦ୍ଦଶାକୁ ଲୋକଲୋଚନକୁ ଆଣି ସେମାନଙ୍କ ସମସ୍ୟା ଦୂରକରିବା ,ସମାଜରେ ଜାଗରଣ ଆଣିବା ଓ ଜନସେବା କରିବାର ମାଧ୍ୟମ ଥିଲା ତାଙ୍କର ସାମ୍ବାଦିକତା । ସେ ଖାଲି ପାଦରେ ଚାଲି ଚାଲି ,ବେଳେ ବେଳେ ସାଇକେଲରେ ବିଭିନ୍ନ ସ୍ଥାନକୁ ଯାଇ ଅନୁସଂଧାନ ଦ୍ୱାରା ସମ୍ବାଦ ସଂଗ୍ରହ କରି ସତ୍ୟ ଉପରେ ଆଧାରିତ ସମ୍ବାଦ ପରିବେଷଣ କରୁଥିଲେ । ସେ ଥିଲେ ଜଣେ ସାଧୁ ଓ ସଚ୍ଚୋଟ ସତ୍ ପୁରୁଷ ।

ତାଙ୍କ ଭଳି ବିରଳ ବ୍ୟକ୍ତିତ୍ୱକୁ ଆଉ ଏ ଜୀବନରେ ଭେଟି ହେବନାହିଁ । ତାଙ୍କର ସ୍ମୃତି ଟିକୀକ ହିଁ ଆମର ପାଥେୟ । ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଦେଶପ୍ରେମୀ ନୃସିଂହ ଗୁରୁଙ୍କ ଅମ୍ଳାନ ସ୍ମୃତ ପ୍ରତି ସମ୍ମାନ ଜଣାଇ ତାଙ୍କର ଆଶୀର୍ବାଦ ଭିକ୍ଷା କରୁଛି ।

ଯୁଗ୍ମ ସଂପାଦକ,
ନୃସିହ ଗୁରୁ ଜନ୍ମଶତବାର୍ଷିକୀ ପାଳନ ସମିତି,
ସମ୍ବଲପୁର